# Akashvani, Sambalpur

## SAMBALPURI NEWS EVENING BULLETIN

## 4 February 2025- 7.02 pm- 7.12 pm.

**********************************************

୧- କେନ୍ଦ୍ର ସର୍କାର୍ ୧୦ ବଛର୍ ଭିତ୍ରେ ୨୫ କୋଟିନୁ ଅଏତ୍କା ଲୁକ୍କୁ ଦାରିଦ୍ର୍ୟ ଭିତ୍ରୁ ବାହାର୍ କରିଛନ୍ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଆଏବା କାଏଲ୍ ମୁଲ୍ ହେବା ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍‌ନା ।

୩- ଯୁକ୍ତ ଦୁଇ ପରୀକ୍ଷା ଆଏବା ୧୮ ତାରିଖ୍‌ନୁ ହେବା ମୁଲ୍ ।

ଆଉର୍

୪- କର୍କଟ୍ ରୋଗ୍‌ର ମାରାତ୍ମକ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରେଇକରି ପାଲିତ୍ ହେଲା ବିଶ୍ୱ କର୍କଟ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ-ଧନ୍ୟବାଦ୍ ପ୍ରସ୍ତାବ ଆଲୋଚନା ଏନ୍‌ଏସ୍‌ଡି

କେନ୍ଦ୍ର ସର୍କାର୍ ଗଲା ୧୦ ବଛର୍ ଭିତ୍ରେ ଦେଶର୍ ୨୫ କୋଟିନୁ ଅଏତ୍କା ଲୁକ୍କୁ ଦାରିଦ୍ର୍ୟ ଭିତ୍ରୁ ବାହାର୍ କରିଛନ୍

ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍‌ସଭା ନ କହିଛନ୍ । ସଂସଦ୍ ନ ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉପ୍‌ରେ ଆଗତ୍ ହେଇଥିବା ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନାର୍ ଉତର୍ ରଖିକରି ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍,

(ଭଏସ୍ ଓଭର୍-୧- ପ୍ରଧାନ୍‌ମନ୍ତ୍ରୀ)

ସେ କହିଛନ୍, ସର୍‌କାର୍ ଶାସନ୍ ଆର୍ ଭିନ୍ ଭିନ୍ ଯୋଜ୍‌ନାଥି ସ୍ୱଚ୍ଛତା ଆନିକରି ଦେଶର୍ କୋଟି କୋଟି ଟଙ୍କା ରାଜସ୍ୱ ସଂଚୟ କରିପାରିଛନ୍ । ସେନ୍ତା ୧୨ ଲାଖ୍ ଟଙ୍କାତକ୍ କମାନି ଉପ୍‌ରେ ଆୟକର ଛାଡ୍ କର୍‌ବାର୍‌ନୁ ମଧ୍ୟବିତ ଶ୍ରେଣୀର୍ ଲୁକ୍‌କର୍ ଆର୍ଥିକ୍ ସ୍ଥିତି ବର୍‌କସ୍ ହେଇପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ସୂଚନା ଆଉ ପ୍ରଯୁକ୍ତି ମନ୍ତ୍ରୀ ପି.ଆଇ.ବି.

ଭାରତ୍ ଏଛେନ୍ ପୁର୍‌ଥିର୍ ଦୁଇ ନମ୍ବର ବଡ଼ ବଡ଼ ମୋବାଇଲ୍ ତିଆର୍ କରୁଥିବା ଦେଶ୍ ହେଇଛେ । ୨୦୧୪ ବଛ୍‌ରେ ଦେଶେ ୨ଟା ମୋବାଇଲ୍ ତିଆରି କମ୍ପାନି ଥିଲା, ଇହାଦେ ୩ ଶହଟା ୟୁନିଟ୍ ଚାଲିଛେ ବଲି ସୂଚନା ଆଉ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ । ସେ କହିଛନ୍, ଇହାଦେ ଦେଶେ ବିକ୍ରି ହଉଥିବା ୯୯ ଦଶମିକ ୨ ପ୍ରତିଶତ ମୋବାଇଲ ଫୋନ୍ ଇନ ତିଆର୍ ହଉଛେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର୍ ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ଇ ଘରୋଇ

ଉତ୍ପାଦ୍‌କେ ବଢ଼ାବାର୍ ଲାଗି ବଡ଼ଟେ ଭୂମିକା ନେବାର୍ ସହେତେ ଭାରତ୍‌କେ ୱାର୍ଲ୍ଡ ମେନୁଫାକ୍‌ଚରିଙ୍ଗ୍ ହବ୍ ବନାବାରେ ଲାଗିଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ୱେଭସ୍ ହାକାଥନ୍ ଏନ୍‌ଏସ୍‌ଡି

ଖବର ପ୍ରସାରଣ ସମିଆଥି ଭୁଲ୍ ସୂଚ୍‌ନା ବାବ୍‌ଦେ ଲୁକେ ଜାନ୍‌ବାର ଲାଗି ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏଂଟରଟେନ୍‌ମେଂଟ ସମିଟ୍-ୱେଭ୍‌ସ୍ ୨୦୨୫ଥି କେନ୍ଦ୍ର ସର୍‌କାର ଗୁଟେ କୃତ୍ରିମ ବୁଦ୍ଧିମତା-ଏଆଇ କ୍ଷମତା ଥିବାର୍ ସମାଧାନ୍ ବ୍ୟବସ୍ଥା ଆନ୍‌ବେ । ୱେଭ୍‌ସ ସମ୍ମିଳନୀଥି ହେବାର୍‌କେ ଥିବା 'ଟ୍ରୁଥ୍ ଟେଲ୍ ହାକାଥନ୍' ଇତାର ଗୁଟେ ଅଂଶବିଶେଷ ଆଏ । ଭୁଲ୍ ସୂଚ୍‌ନା ଧର୍‌ବାର୍ ଲାଗି ଏଆଇ ବ୍ୟବସ୍ଥା ବିକାଶ୍ କର୍‌ବାର ଦିଗେ ଇ ପ୍ରତିଯୋଗିତାଥି ଭାଗ୍ ନେବାର୍‌କେ ସଫ୍‌ଟୱେର୍ ଡେଭ୍‌ଲପର୍, ଡାଟା ସାଇଂଟିଷ୍ଟ ଆଉ ଗଣମାଧ୍ୟମକେ କେନ୍ଦ୍ର ସୂଚ୍‌ନା ଆଉ ପ୍ରଯୁକ୍ତି ମନ୍ତ୍ରଣାଳୟ ତର୍‌ଫୁ ଆହ୍ୱାନ୍ କରାଯାଇଛେ । ଇ ହାକାଥନ୍ ଲାଗି ଏବ୍‌ତକ୍ ସାରା ପୁର୍‌ଥି ନୁ ୫ ହଜାର ୬ ଶହ ପଞ୍ଜିକରଣ ହେଇଛେ ଆର୍ ସେଥିର୍ ଭିତ୍‌ରେ ୩୬ ପ୍ରତିଶତ୍ ମହିଲା ଅଛନ୍ ।

ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା କାଏଲ୍ ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍‌ନାର୍ ଶୁଭାରମ୍ଭ ହେବା । ଖୋର୍ଦ୍ଧାର୍ ଜଙ୍କିଆ ମିନି ଷ୍ଟାଡ଼ିୟମ୍ ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍ ଶୁଭାରମ୍ଭ କର୍‌ବେ । ଫି' ଜିଲ୍ଲା ଆର୍ ବ୍ଲକ୍ ସ୍ତର୍ ନ ଭିଲ୍ ଇ କାର୍ଯ୍ୟକ୍ରମ୍ ହେବା । ଜିଲ୍ଲାପାଲ୍‌ଙ୍କର୍ ସହେତେ ଜିଲ୍ଲା ପ୍ରଶାସନ୍‌ର ବରିଷ୍ଠ ଅଧିକାରୀମାନେ ଇଥି ଉପସ୍ଥିତ୍ ରହେବେ । ସେନ୍ତା ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍‌ଥି ମୁଖ୍ୟ କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ୍ ହେବା ଆର୍ ଇଥିର୍‌ଲାଗି ଖାସ୍ ବ୍ୟବସ୍ଥା କର୍‌ବାର୍‌କେ ଓକାକ୍‌କେ ଦାୟିତ୍ୱ ଦିଆଯାଇଛେ ।

ଷୋଡ଼ଶ ଅର୍ଥ କମିଶନ-ଓଡ଼ିଶା              ହି.ସ.

ଷୋଡ଼ଶ ଅର୍ଥ କମିଶନ୍ ଆଏଜ୍‌ଠାନୁ ୪ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ । ଅରବିନ୍ଦ ପାନଗାରିଆଙ୍କର୍ ଅଧ୍ୟକ୍ଷତାଥି ୧୫ ଝନିଆ ସଦସ୍ୟଙ୍କର୍ ଖାସ୍ କମିଶନ୍ ଆଏବା ଗୁରୁବାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରମୁଖ ଅଧିକାରୀମାନ୍‌କର୍ ସାଙ୍ଗେ ବୈଠକ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍‌ସହେତେ କମିଶନ୍ ରାଜ୍ୟର୍ ପ୍ରମୁଖ ରାଜନୈତିକ୍ ଦଲ୍‌ର ପ୍ରତିନିଧି ମାନ୍‌କୁ ଭେଟ୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ରାଜ୍ୟ

ସର୍‌କାର୍ ବିକାଶ୍‌ମୂଲକ୍ କାମ୍ ଲାଗି କମିଶନ୍‌ଙ୍କର୍ ଠାନେ ଆଏବା ୫ ବଛର୍ ଲାଗି ୧୨ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଦାବି ରଖ୍‌ବାର୍‌କେ ନିଷ୍ପତି ନେଇଥିଲେ ।

ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଅଧୀନ୍‌ଥି ଥିବା ଓଡ଼ିଶା ସବ୍-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍- ଓ.ଏସ୍.ଏସ୍.ଏସ୍.ସି. ପରିଚାଲିତ୍ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମ୍‌ଲାଥି ହାଇକୋର୍ଟ ରହିତାଦେଶ୍ ଜାରି କରିଛନ୍ । ବାଛ୍‌ବାର୍ ପ୍ରକ୍ରିୟା ଜାରି ରଖାଯାଇଥିବାର୍ ବେଲେ ଅଦାଲତ୍‌ଙ୍କର୍ ବିନା ଅନୁମତିଥି ନିଯୁକ୍ତି ଦିଆଯାଇନାଇଁପାରେ ବଲି ଆଦେଶ୍‌ଥି କୁହାଯାଇଛେ । ଇ ବାବ୍‌ଦେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ସଚିବ ଆର୍ ଆୟୋଗ୍‌ର ଆୟୁକ୍ତଙ୍କୁ ନୋଟିସ୍ ଜାରି କରାଯାଇଛେ । ମାମ୍‌ଲାର୍ ଆଏବା ଶୁଣାଣି ମାର୍ଚ୍ଚ ମାସ ୩ ନମ୍ବର୍ ହପ୍ତାକେ ଧାରିଜ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୩ ମସିହା ଏପ୍ରିଲ୍ ୨୯ ତାରିଖ୍‌ତକ୍ ଆୟୋଗ୍ ତର୍‌ଫୁ ୨ ହଜାର୍ ୭ ଶହ ୫୩ ଟା ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଦ୍ ଲାଗି ନିଯୁକ୍ତି ବିଜ୍ଞପ୍ତି ବାହାରିଥିଲା ।

ଅଗ୍ନିଶମ କର୍ମଚାରୀ-ଭତା ବୃଦ୍ଧି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅଗ୍ନିଶମ କର୍ମଚାରୀମାନ୍‌କର୍ ସାମାଜିକ୍ ସୁରକ୍ଷା ଲାଗି ସେମାନ୍‌କୁ ଘର୍‌ଭଡ଼ା ଦେବାର୍ ସହେତେ ଭତା ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଲୟର୍ ସୂଚ୍‌ନା ଅନ୍‌ସାରେ ଅଗ୍ନିଶମ କର୍ମଚାରୀଙ୍କର୍ ଡାଏଟ୍ ଭତା ୯ ଶହ ନୁ ୧୪ ଶହ ଟଙ୍କାତକ୍ ବଢ଼େଇଥିବାର୍ ବେଲେ ମୋଟର୍ ସାଇକଲ୍ ଭତା ୩ ଶହ ନୁ ହଜାରେ ୫୦ ଟଙ୍କାକେ ବଢ଼େଇଛନ୍ । ସେନ୍ତା ଯାତାୟାତ ଭତାକେ ଶହେ ୫୦ ନୁ ୩ ଶହ ଟଙ୍କାକେ ଆର୍ ବିପଦ୍ ଭତା ୪ ଶହ ନୁ ହଜାରେ ଟଙ୍କାକେ ବଢ଼େଇଛନ୍ । ଇଥି ରାଜ୍ୟର୍ ୬ ହଜାର୍ ୫୮ ଝନ୍ ଅଗ୍ନିଶମ କର୍ମଚାରୀ ଲାଭ୍ ପାଏବେ ।

ଯୁକ୍ତ ଦୁଇ ପରୀକ୍ଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଯୁକ୍ତ ଦୁଇ ପରୀକ୍ଷା ଆଏବା ୧୮ ତାରିଖିନୁ ମୁଲ୍ ହେବା । ପରୀକ୍ଷା ମାର୍ଚ୍ଚ ୨୭ ତକ୍ ଚାଲ୍‌ବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ । ଶ୍ରୀ ପରିଡ଼ା କହିଛନ୍, ଯୁକ୍ତ ଦୁଇ କଳା, ବିଜ୍ଞାନ୍ ଆର୍ ବାଣିଜ୍ୟ ବର୍ଗଥି ଇଥର ମୋଟ୍ ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ରାଜ୍ୟର୍ ୧ ହଜାର୍ ୨ ଶହ ୭୬ ଟା କେନ୍ଦ୍ର ନ ସଖାଲର୍ ୧୦ ବଜେନୁ ଦିନର୍ ୧ ବଜେତକ୍

ପରୀକ୍ଷା ହେବା ।  ଦିବ୍ୟାଙ୍ଗ ମାନ୍‌କର୍ ଲାଗି ୪ ଘଂଟା ପରୀକ୍ଷା ରହେବା । ପରୀକ୍ଷାଥି କପି ରୁକ୍‌ବାର୍ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ସବୁ ପରୀକ୍ଷା କେନ୍ଦ୍ର ସିସିଟିଭି ର ନଜରଥି ରହେବା  ବଲି ଶ୍ରୀ ପରିଡ଼ା କହିଛନ । ସେ ଆହୁରି କହିଛନ୍, ପ୍ରଶ୍ନପତ୍ର ବିଭ୍ରାଟ୍ ଯେନ୍ତା ନାଇଁ ହେବା ତାର୍ ଉପ୍‌ରେ ଖାସ୍ ଧିଆନ୍ ଦିଆଯାଉଛେ । ଗୁଜବ୍ ସୃଷ୍ଟି କରୁଥିବାର୍ ଲୁକ୍‌କର୍ ଉପ୍‌ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ହେବା । ପରୀକ୍ଷା ପରିଚାଲନା ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କୁ ଖାସ୍ ନିର୍ଦ୍ଦେଶ୍ ଦିଆଯାଇଛେ । ୫ ସ୍ତରୀୟ ସ୍କ୍ୱାର୍ଡ଼ ପରୀକ୍ଷାର୍ ତଦାରଖ୍ କର୍‌ବେ । ପରୀକ୍ଷା ସର୍‌ବାର୍ ୪୫ ଦିନ୍ ଉତ୍‌ରୁ ରିଜଲ୍ଟ ବାହାର୍‌ବା ବଲି ଶ୍ରୀ ପରିଡ଼ା କହିଛନ୍ ।

ମଧୁସୂଦନ୍ ଦାସ୍- ପୁଣ୍ୟତିଥ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଉତ୍କଳ ଗୌରବ୍ ମଧୁସୂଦନ୍ ଦାସ୍‌ଙ୍କର୍ ପୁଣ୍ୟତିଥି ଆଏଜ୍ ପାଲନ୍ କରାଯାଉଛେ । ସ୍ୱତନ୍ତ୍ର ଉତ୍କଲ୍ ପ୍ରଦେଶ୍ ଗଠନ୍‌ଥି ତାଙ୍କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୩୪ ମସିହା ଆଜିର୍ ଦିନେ ତାଙ୍କର୍ ତିରୋଧାନ୍ ହେଇଥିଲା । ୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖ୍‌ଥି କଟକ୍ ସହରର୍ ସତ୍ୟଭାମାପୁର୍ ଠାନେ ଜନମ୍ ହେଇଥିବା ମଧୁସୂଦନ୍ ଦାସ ସାରା ରାଏଜେ ମଧୁବାରିଷ୍ଟର୍ ନାଁଥି ଜନାଶୁନା ଥିଲେ । ଆଏଜ୍

ଭୁବ୍‌ନେଶ୍ୱର୍‌ର ରାଜ୍‌ଭବନ୍ ଛକ୍‌ଠାନେ ଥିବା ମଧୁବାବୁଙ୍କର୍ ପ୍ରତିମୂର୍ତିଥି ବିଶିଷ୍ଟ ବ୍ୟକ୍ତିମାନେ ଫୁଲ୍‌ମାଲା ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଆ ଭାଷା ଆନ୍ଦୋଲନ୍‌ର ସୂତ୍ରଧର ମଧୁସୂଦନ୍ ଦାସ୍‌ଙ୍କର୍ ପୁଣ୍ୟତିଥିଥି ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ମହାନ୍ ଜନନାୟକ୍ ଭାବେ ଜନମ୍ ମାଏଟ୍‌ର ସୁରକ୍ଷା ଆର୍ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍‌ଥି ତାଙ୍କର୍ ଯୋଗ୍‌ଦାନ୍ ସବୁଦିନ୍ ସୋର୍ ରହେବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ଗଠନ୍‌ର ସୂତ୍ରଧର ଉତ୍କଳ ଗୌରବ୍ ମଧୁସୂଦନ୍ ଦାସ୍‌ଙ୍କର୍ ପୂଣ୍ୟତିଥିଥି ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ତାଙ୍କୁ ସୁର୍‌ତା କରିଥିଲେ । ଆଏଜ୍ ବେଲ୍‌ବୁଡ଼ାର୍ ୬ ବଜେ ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ଶ୍ରାଦ୍ଧଉତ୍ସବ୍‌ଥି ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେଇଛନ୍ ।

ମାଘ୍ ସପ୍ତମୀ -ଚନ୍ଦ୍ରଭାଗା ପୁଷ୍କରିଣୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ମାଘ୍ ସପ୍ତମୀ ଅବ୍‌ସରେ କୋଣାର୍କର ଚନ୍ଦ୍ରଭାଗା ପୁଷ୍କରିଣୀ ଠାନେ ବହୁତ୍‌ଟେ ଭକ୍ତ ଆର୍ ଶ୍ରଦ୍ଧାଳୁ ମାଘ୍ ବୁଡ଼ ପକେଇଛନ୍ । ପରମ୍ପରା ଅନ୍‌ସାରେ ମାଧିପୁର୍‌ର ଶ୍ରୀ ତ୍ରିବେଣୀସ୍ୱର ମହାଦେବ୍, ସନ୍ଥପୁର୍‌ର ଶ୍ରୀ ଐଶାନୈଶ୍ୱର୍ ମହାଦେବ୍, କୁରଜଙ୍ଗ୍‌ର ଦକ୍ଷିଣେଶ୍ୱର୍ ମହାଦେବ ଆଏଜ୍

ପହପହନୁ ଚନ୍ଦ୍ରଭାଗା ନ ମହାସ୍ନାନ କରିଥିଲେ । ତିନ୍‌ହି ମାହାପୁରୁ ଚନ୍ଦ୍ରଭାଗା ପୁଷ୍କରିଣୀ ପାଖେ ଥିବା ତୀର୍ଥ ମଣ୍ଡପ୍ ନ ପୁହୁଁଚିବାର୍ ଉତ୍‌ରୁ ସେବାୟତ୍ ମାନେ ଖାସ୍ ପୂଜା ଆର୍ ମହାସ୍ନାନ ନୀତି କରିଥିଲେ । ଇତାର୍ ଉତ୍‌ରୁ ଶ୍ରଦ୍ଧାଳୁମାନେ ପୁଷ୍କରିଣୀ ନ ବୁଡ଼ ପକେଇଥିଲେ । ଧାର୍ମିକ ମାଏନ୍‌ତା ଅନ୍‌ସାରେ ଆଏଜ୍ ସୂର୍ଯ୍ୟଦେବଙ୍କର୍ ଜନ୍ମତିଥି ଲାଗି ଅର୍କକ୍ଷେତ୍ରର ଚନ୍ଦ୍ରଭାଗା ନ ବୁଡ଼ ପକେଇକରି ଶ୍ରୀ କୃଷ୍ଣଙ୍କର୍ ପୁତ୍ର ଶାମ୍ବ ରୋଗ୍‌ନୁ ମୁକ୍ତି ପାଇଥିଲେ । ଇଥିର୍‌ଲାଗି ବହୁତ୍ ଶ୍ରଦ୍ଧାଳୁ ଫି' ବଛର୍ ଆଝିର୍ ଦିନେ ଚନ୍ଦ୍ରଭାଗା ନ ବୁଡ଼ ପକାସନ୍ । ସେଆଡ଼େ ଖଣ୍ଡଗିରି କୁମ୍ଭମେଳା ଆଏଜ୍‌ଠାନୁ ମୁଲ୍ ହେଇଛେ । ପ୍ରଶାସନ୍ ତର୍‌ଫୁ ଶ୍ରଦ୍ଧାଳୁମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ ।

ବିଶ୍ୱ କର୍କଟ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ କର୍କଟ ଦିବସ୍ । ମିଳିତ ଆନ୍ତର୍ଜାତୀୟ କର୍କଟ ରୋଗ ନିୟନ୍ତ୍ରଣ ସଂଘ ତର୍‌ଫୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ କର୍କଟ ଦିବସ୍ ଭାବେ ପାଲନ୍ କରାଯାଉଛେ । କର୍କଟ ରୋଗ ବାବ୍‌ଦେ ଲୋକ୍‌ମାନ୍‌କୁ ଜନାବାର୍ ସହେତେ ଇ ରୋଗ୍‌ର ମାରାତ୍ମକ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇ ବଛର୍ ବିଶ୍ୱ କର୍କଟ

ଦିବସ୍‌ର ବାର୍ତା ହେଉଛେ ନିଜର୍ ଦକ୍ଷତା ଆର୍ ସମ୍ମିଲିତ୍ ଚେରେଷ୍ଟା ସାହାଜ୍‌ଥି କେନ୍‌ସର୍‌କେ ରୋକାଯାଇପାର୍‌ବା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍- ଡବ୍ଲୁଏଚ୍‌ଓର ସବୁ ଇଲାକା ଠାନୁ ଦକ୍ଷିଣ ପୂର୍ବ ଏସିଆ ଇଲାକା ନ କର୍କଟ୍ ରୋଗ୍ ଦିନୁ ଦିନ୍‌କେ ଘାତକ୍ ହେବାର୍‌କେ ଲାଗିଛେ । ଡବ୍ଲୁଏଚ୍‌ଓର୍ ୨୦୨୨ର ଗୁଟେ ରିପୋର୍ଟ ଅନ୍‌ସାରେ ଦକ୍ଷିଣ ପୂର୍ବ ଏସିଆ ଇଲାକା ନ ୨୪ ଲାଖ୍ ନୂଆଁ କର୍କଟ ମାମ୍‌ଲା ସାମ୍ନାକେ ଆସିଛେ । ସେଥିର୍‌ଭିତ୍‌ରୁ ୧୫ ଲାଖ୍ ଲୁକ୍‌କର୍ ଜୀବନ୍ ଯାଇଛେ । ସବୁନୁ ବଡ଼ କଥା ହେଲା, ରୋଗୀମାନ୍‌କର୍ ଭିତ୍‌ରେ ୫୬ ହଜାର୍ ଖାଲି ଛୋଟ୍ ଛୁଆଥିଲେ । ୨୦୫୦ ମସିହାତକ୍ ଇ ଇଲାକା ନ ଆହୁରି ୮୫ ପ୍ରତିଶତ୍ ଅଏତ୍‌କା କର୍କଟ ରୋଗୀଙ୍କର୍ ସଂଖ୍ୟା ବଢ଼୍‌ବା ଆର୍ ମୃତ୍ୟୁ ସଂଖ୍ୟା ଭିଲ୍ ବଢ଼୍‌ବା ବଲି ଡବ୍ଲୁଏଚ୍‌ଓ ସତର୍କ କରେଇଛେ । କର୍କଟ୍ ରୋଗ୍‌କେ ହରାବାର୍ ଲାଗି ଭାରତ୍ ସହେତେ ଦକ୍ଷିଣ ପୂର୍ବ ଏସିଆର୍ ସବୁ ଦେଶ୍‌ମାନେ ମିଶନ୍ ମୋଡ୍‌ଥି ପଦକ୍ଷେପ୍ ମାନ୍ ନଉଛନ୍ । ଭାରତ୍ ସର୍‌କାର୍ ଭିଲ୍ ଇ ବଛର୍ ବଜେଟ୍‌ଥି କର୍କଟ ରୋଗ୍‌ର ମୁକାବିଲା ଲାଗି ଖାସ୍ ବ୍ୟବସ୍ଥା କରିଛନ୍ । ଇ ଜନେଇ ଦିଆଯାଇପାରେ ଯେ, ଫି’ ବଛର୍ ପୁର୍‌ଥିର ୮୦ ଲାଖ୍‌ନୁ ଅଏତ୍‌କା ଲୁକ୍‌କର କର୍କଟ ରୋଗ୍‌ଥି ଜୀବନ୍ ଯାଉଛେ ।

ଫଂଚାୟତ୍ ସମିତି ବୈଠକ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟଠାନେ ପଂଚାୟତ୍ ସମିତି ବୈଠକ୍ ହେଇଯାଇଛେ । ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ବିଡ଼ିଓ ଆର୍ ବ୍ଲକ୍‌ର ସବୁ ସମିତି ସଭ୍ୟ ଯୋଗ୍ ଦେଇଥିଲେ । ଆଗ୍‌କେ ଖରାଦିନର୍ ଲାଗି ପାଏନ୍ ଛତର୍ ଖୁଲ୍‌ବାର୍, ଗାଁ ଗାଁ ନ ପିଇବାର୍ ପାଏନ୍ ସୁବିଧା କର୍‌ବାର୍ ଆଉ ବିକାଶ୍ କାମ୍‌କେ ତୁର୍‌ତି କର୍‌ବାର୍ ଦିଗେ ଆଲୋଚନା ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ଆଏବା ୪ /୫ ଦିନ୍ ତକ୍ ପାଗ୍ ଏନ୍ତା ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏଜ୍ ଝାର୍‌ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ଦିନର୍ ତାତି ୩୬ ଦଶ୍‌ମିକ୍ ୪ ଡିଗ୍ରୀ ରେକର୍ଡ଼ କରାଯାଇଥିବାର୍ ବେଲେ ସୁନ୍ଦର୍‌ଗଡ଼୍ ନ ୩୫ ଦଶ୍‌ମିକ୍ ୬, ସମ୍ବଲ୍‌ପୁର୍ ନ ୩୫ ଦଶ୍‌ମିକ୍ ୪, ବଲାଙ୍ଗିର୍ ନ ୩୫ ଦଶ୍‌ମିକ୍ ୩, ବର୍‌ଗଡ଼୍ ନ ୩୪ ଦଶ୍‌ମିକ୍ ୫, ସୁବର୍ଣ୍ଣପୁର୍ ନ ୩୪ ଦଶ୍‌ମିକ୍ ୨, ଭବାନାପାଟ୍‌ନା ନ ୩୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।